# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 March - 2024**

**News Editor : *Tapan Kumar Moharana***

*********************************

## ମୁଖ୍ୟ ସମ୍ବାଦ

- ଆଗାମୀ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନଗୁଡ଼ିକ ପକ୍ଷରୁ ନିଆଯାଉଛି ସ୍ୱତନ୍ତ୍ର ପଦକ୍ଷେପ

- ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ କଡାକଡି ଲାଗୁ କରିବା ଲାଗି ପ୍ରଶାସନ ପକ୍ଷରୁ ତତ୍ପରତା

— ଅପସାରଣ କରାଗଲା ବିଭିନ୍ନ ହୋର୍ଡିଂ, ପୋଷ୍ଟର ଏବଂ ବ୍ୟାନର

- ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଓଡ଼ିଶା ହାଇକୋର୍ଟରେ ଅନୁଷ୍ଠିତ

ଏବଂ

- ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଆଜିଠାରୁ ଆରମ୍ଭ ହେଲା କଳାହାଣ୍ଡି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ନିର୍ବାଚନ ପ୍ରସ୍ତୁତି

ଆଗାମୀ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ଭାବରେ ସମ୍ପନ୍ନ କରିବା ଲକ୍ଷ୍ୟରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଏ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ଅଧିକ ସୂଚନା ଦେଇ ଜିଲ୍ଲାପାଳ ଭିନୀତ ଭରଦ୍ୱାଜ କହିଛନ୍ତି, ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଘୋଷିତ ସୂଚୀ ଅନୁଯାୟୀ, କଟକ ଜିଲ୍ଲାରେ ୨ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ମେ' ମାସ ୨୫ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ପହିଲା ଦିନ ଭୋଟ ଗ୍ରହଣ କରାଯିବ। ମତଦାନ ପରେ ଇଭିଏମ୍ ମେସିନ୍‌ଗୁଡ଼ିକୁ ୩ଟି ଚିହ୍ନିତ ହୋଇଥିବା ସ୍ଥାନରେ ଭୋଟ ଗଣତି ପର୍ଯ୍ୟନ୍ତ କଡା ସୁରକ୍ଷା ମଧ୍ୟରେ ରଖାଯିବ। ଜୁନ୍ ୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। ଆଗାମୀ ନିର୍ବାଚନରେ ଜିଲ୍ଲାର ୨୧ ଲକ୍ଷ ୪୪ ହଜାର ୯୦୪ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ସେଥିମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧୧ ଲକ୍ଷ ୨୧ ଏବଂ ମହିଳା ଭୋଟରଙ୍କ ସଂଖ୍ୟା ହେଉଛି ୧୦ ଲକ୍ଷ ୪୧ ହଜାର ୬୧୯। ଏହି ନିର୍ବାଚନରେ ଭୋଟର ତାଲିକାରେ ୪୫ ହଜାର ୨୧୮ ଜଣ ନୂତନ ଭୋଟର ସାମିଲ ହୋଇଛନ୍ତି। ମେ' ୨୫ ତାରିଖ ଦିନ କଟକ ଲୋକସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ୬ଟି ବିଧାନସଭା ମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ।

ସେଗୁଡ଼ିକ ହେଉଛି, ବଡମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ ଏବଂ କଟକ-ସଦର। ଜୁନ୍ ପହିଲା ଦିନ କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାହାଙ୍ଗା ଓ ସାଲେପୁର ଏବଂ ଜଗତ୍‌ସିଂହପୁର

ନିର୍ବାଚନମଣ୍ଡଳୀର ନିଆଳି ବିଧାନସଭା ମଣ୍ଡଳୀ ପାଇଁ ଭୋଟଗ୍ରହଣ କରାଯିବ। ଜିଲ୍ଲାରେ ୨ ହଜାର ୨୭୪ଟି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ ଅନୁଷ୍ଠିତ ହେବ। ସେଥିରୁ ୧ ହଜାର ୩୬୪ଟି ମତଦାନ କେନ୍ଦ୍ରରେ ୱେବ୍ କାଷ୍ଟିଂ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଛି। ମହିଳା ଏବଂ ଭିନ୍ନକ୍ଷମଙ୍କ ପାଇଁ ମତଦାନ କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିଭଳି ୮୫ ବର୍ଷରୁ ଅଧିକ ବୟସ୍କ ଭୋଟରଙ୍କ ପାଇଁ ସେମାନଙ୍କ ଘରେ ମତଦାନ କରିବାର ବ୍ୟବସ୍ଥା କରାଯାଉଛି। ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ବିଭିନ୍ନ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କର ନିର୍ବାଚନ ଖର୍ଚ୍ଚ ତଦାରଖ କରିବେ। ୧୨୦ ଜଣ ମାଇକ୍ରୋ ଅବ୍‌ଜରଭରଙ୍କୁ ମଧ୍ୟ ନିଯୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଶ୍ରୀ ଭରଦ୍ୱାଜ କହିଛନ୍ତି। ସେ କହିଛନ୍ତି, ଆଠଗଡ଼ ଗୋପବନ୍ଧୁ ମହାବିଦ୍ୟାଳୟ, ବାଙ୍କୀ କଲେଜ୍ ଏବଂ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସ୍‌ଠାରେ ଷ୍ଟ୍ରଙ୍ଗ୍‌ରୁମ୍ ଖୋଲାଯାଇଛି। ସେଠାରେ ଇଭିଏମ୍ ମେସିନ୍‌ଗୁଡ଼ିକ ରଖାଯିବା ସହ ବିଭିନ୍ନ ପୋଲିଂ ଦଳର ଗନ୍ତବ୍ୟସ୍ଥଳକୁ ଯିବାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲାପାଳ କହିଛନ୍ତି।

## ନିର୍ବାଚନ ପ୍ରସ୍ତୁତି-ଖୋର୍ଦ୍ଧା

ଖୋର୍ଦ୍ଧା ଜିଲ୍ଲାରେ ନିର୍ବାଚନ ପ୍ରସ୍ତୁତି ସଂକ୍ରାନ୍ତରେ ସୂଚନା ଦେଇ ଜିଲ୍ଲାପାଳ ଚଞ୍ଚଳ ରାଣା କହିଛନ୍ତି, ଜିଲ୍ଲାରେ ମୋଟ୍ ୧୮ ଲକ୍ଷ ୬୫ ହଜାର ୪୫୫ ଜଣ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରେ ୯ ଲକ୍ଷ ୭୧ ହଜାର ୫୫୪ ଜଣ ପୁରୁଷ ମତଦାତା, ୮ ଲକ୍ଷ ୯୩ ହଜାର ୩୪୧ ଜଣ ମହିଳା ଏବଂ ଅନ୍ୟାନ୍ୟ ବର୍ଗର ୫୬୦ ଜଣ ମତଦାତା ଅନ୍ତର୍ଭୁକ୍ତ। ଜିଲ୍ଲାର ୮ଟି ଯାକ ବିଧାନସଭା

ମଣ୍ଡଳୀ ପାଇଁ ୧ ହଜାର ୯୦୭ଟି ମତଦାନ କେନ୍ଦ୍ର ରହିଛି। ସେଥିମଧ୍ୟରୁ ୫୨୪ଟି ମହିଳାଙ୍କ ଦ୍ୱାରା ପରିଚାଳିତ ପିଙ୍କ୍ ବୁଥ୍ ଭାବେ ରହିଛି।  ପ୍ରତ୍ୟେକ ବିଧାନସଭା କ୍ଷେତ୍ର ମଧ୍ୟରେ ଗୋଟିଏ ଲେଖାଏଁ ବୁଥ୍ ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳିତ ହେବ। ୬୦ ପ୍ରତିଶତ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ନିର୍ବାଚନ ପ୍ରକ୍ରିୟାରେ ପ୍ରାୟ ୧୪ ହଜାର ପୁଲିଂ ଅଧିକାରୀ ନିୟୋଜିତ ହେବେ ବୋଲି ସେ ସୂଚନା ଦେଇଛନ୍ତି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବୁଥ୍‌ଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ରାଣା କହିଛନ୍ତି।

## ନିର୍ବାଚନ ପ୍ରସ୍ତୁତି-ରାୟଗଡ଼ା

ରାୟଗଡା ଜିଲ୍ଲାରେ ନିର୍ବାଚନ ପ୍ରସ୍ତୁତି ନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି, ଏହି ଜିଲ୍ଲାରେ ୩ଟି ବିଧାନସଭା ମଣ୍ଡଳୀରେ ୭ ଲକ୍ଷ ୪ ହଜାର ୫୦୩ ଜଣ ମତଦାତା ଅଛନ୍ତି। ୮୮୩ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ସେଥିମଧ୍ୟରୁ ୫୩ଟି ବୁଥ୍ ମାଓପ୍ରବଣ ଅଞ୍ଚଳର ବୋଲି ଜଣାପଡିଛି। ଏହାକୁ ଦୃଷ୍ଟିରେ ରଖି ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାରେ ୧୮ଟି ଚେକିଂ ପଏଣ୍ଟ ପୁଲିସ୍ ପକ୍ଷରୁ ସ୍ଥାପନ କରାଯାଇଛି ଏବଂ ବିଭିନ୍ନ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଥିବା ନେଇ ରାୟଗଡା ଆରକ୍ଷୀ ଅଧିକ୍ଷକ ହରିଶ୍ ବିଶି କହିଛନ୍ତି।

## ନିର୍ବାଚନ ପ୍ରସ୍ତୁତି-ବୌଦ୍ଧ

ବୌଦ୍ଧ ଜିଲ୍ଲାରେ ନିର୍ବାଚନ ପ୍ରସ୍ତୁତି ନେଇ ଜିଲ୍ଲାପାଳ ଜେ.ସୋନାଲ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ ଭାବେ ସମ୍ପନ୍ନ କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସାମ୍ବାଦିକଙ୍କୁ ସୂଚନା ଦେଇ ସେ କହିଛନ୍ତି, ବିଭିନ୍ନ ସ୍ଥାନରେ ଲଗାଯାଇଥିବା ହୋର୍ଡିଂସ୍, ପୋଷ୍ଟରଗୁଡ଼ିକ ବାହାର କରିଦିଆଯାଇଛି। ନିର୍ବାଚନ ଖର୍ଚ୍ଚ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ବୋଲି ସେ କହିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ସଂକ୍ରାନ୍ତ ଅଭିଯୋଗ ପାଇଁ ୧୯୫୦ ହେଲ୍ପ ଲାଇନ୍ ନମ୍ବର ପ୍ରଚଳନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ନିର୍ବାଚନ ପ୍ରସ୍ତୁତି-କେନ୍ଦୁଝର

କେନ୍ଦୁଝର ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନସ୍ଥ ୭ଟି ବିଧାନସଭାମଣ୍ଡଳୀ ପାଇଁ ଆସନ୍ତା ମେ' ମାସ ୨୫ ତାରିଖରେ ଭୋଟଗ୍ରହଣ କରାଯିବ। ଏ ସଂକ୍ରାନ୍ତ ପ୍ରସ୍ତୁତି ନେଇ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ବିଶାଲ୍ ସିଂ କହିଛନ୍ତି, କେନ୍ଦୁଝର ସଂସଦୀୟ କ୍ଷେତ୍ର ମଧ୍ୟରେ ଜିଲ୍ଲାର ୬ଟି ବିଧାନସଭା କ୍ଷେତ୍ର ରହିଥିବାବେଳେ ଅନ୍ୟଟି ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାବେ ରହିଛି। ମୋଟ୍ ୧୩ ଲକ୍ଷ ୭୦ ହଜାର ମତଦାତା ୧ ହଜାର ୭୨୦ଟି ମତଦାନ କେନ୍ଦ୍ରରେ ସେମାନଙ୍କର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବେ। ଏହି ମତଦାନ କେନ୍ଦ୍ରଗୁଡ଼ିକ ମଧ୍ୟରେ ୧୭୪ଟି ମହିଳାଙ୍କ ପାଇଁ ଏବଂ ୩୦ଟି ଯୁବ ମତଦାନ କେନ୍ଦ୍ର ରହିବ ବୋଲି ଶ୍ରୀ ସିଂ କହିଛନ୍ତି। କେନ୍ଦୁଝର, ଚମ୍ପୁଆ ଏବଂ ଆନନ୍ଦପୁରଠାରେ ମତଗଣନା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ କରିବା ଲକ୍ଷ୍ୟରେ ୧୯ ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଗଠନ କରାଯାଇଥିବା ସେ କହିଛନ୍ତି।

## ଆଦର୍ଶ ଆଚରଣ ବିଧି

ନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଜିଲ୍ଲା ପ୍ରଶାସନଗୁଡ଼ିକ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ନବରଙ୍ଗପୁର ଜିଲ୍ଲା ଉମରକୋଟ ମ୍ୟୁନିସିପାଲିଟି ପକ୍ଷରୁ ଆଜି ବିଜ୍ଞାପନ ହୋର୍ଡିଂଗୁଡ଼ିକୁ ହଟାଇ ଦିଆଯାଇଛି । ସହରର ବିଭିନ୍ନ ଛକ ଏବଂ ରାସ୍ତାଘାଟରେ ଲଗାଯାଇଥିବା ସରକାରୀ ଯୋଜନା ପ୍ରଚାର ପ୍ରସାର ସଂକ୍ରାନ୍ତ ହୋର୍ଡିଂଗୁଡ଼ିକୁ କଳା ପଲିଥିନ୍ ମାଧ୍ୟମରେ ଆବୃତ୍ତ କରିଛନ୍ତି । ସେହିପରି, ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଲଗାଯାଇଥିବା ହୋର୍ଡିଂ, ପୋଷ୍ଟର ଏବଂ ବ୍ୟାନରଗୁଡ଼ିକୁ ହଟେଇ ଦିଆଯାଇଛି । ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ନେଇ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥ କହିଛନ୍ତି ।

## ରାଷ୍ଟ୍ରୀୟ ଲୋକଅଦାଲତ

ଓଡିଶା ହାଇକୋର୍ଟରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଆଜି ଅନୁଷ୍ଠିତ ହୋଇଯାଇଛି । ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ଏହି ଲୋକ ଅଦାଲତ ଆୟୋଜନ କରାଯାଇଥିଲା । ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀଙ୍କ ସମେତ ହାଇକୋର୍ଟର ୯ ଜଣ ବିଚାରପତି ଆଜି ମାମଲାର ଶୁଣାଣି କରିଥିଲେ । ଏହି ଲୋକ ଅଦାଲତରେ ୧୩୩ଟି ମାମାଲାର ଆପୋଷ

ସମାଧାନ କରାଯାଇଥିଲା । ମୋଟ୍ ୯ କୋଟି ୧୫ ଲକ୍ଷ ୯୪ ହଜାର ଟଙ୍କା କ୍ଷତିପୂରଣ ବାବଦକୁ  ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ରକ୍ତଦାନ ଶିବିର

ମାଲକାନଗିରି ଜିଲ୍ଲା ପୁଲିସ୍ ପକ୍ଷରୁ ଏକ ବୃହତ୍ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତେଶ୍ ୱାଧୱାନୀ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି ।  ଏହି ଅବସରରେ ୩୮ ଥର ରକ୍ତଦାନ କରିଥିବା ନରେନ୍ଦ୍ର ମାଦ୍ରୀ ଏବଂ ୩୯ ଥର ରକ୍ତଦାନ କରିଥିବା ଅନୂପ ସୁନାଲୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଶ୍ରଦ୍ଧାସୁମନ

ଓଡିଶୀ ନୃତ୍ୟ ବିଶାରଦ ଗୁରୁ ପଙ୍କଜ ଚରଣ ଦାସଙ୍କ ୧୦୫ତମ ଜୟନ୍ତୀ ଆଜି ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ମହାବିଦ୍ୟାଳୟ ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଓଡ଼ିଶାର କଳା ସଂସ୍କୃତି ତଥା ଓଡିଶୀ ନୃତ୍ୟର ବିକାଶରେ ଗୁରୁ ପଙ୍କଜ ଚରଣଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

## ଗଞ୍ଜେଇ ଜବତ

ବୌଦ୍ଧ ଜିଲ୍ଲା ଡିମିରିଖୋଲ ଗ୍ରାମ ନିକଟସ୍ଥ ବିଡାମାସ୍କା ଜଙ୍ଗଲରୁ ପୁଲିସ୍ ଆଜି ଦେଢ଼ କୁଇଣ୍ଟାଲ୍‌ରୁ ଅଧିକ ଗଞ୍ଜେଇ ଜବତ କରିଛି । ବାହାରକୁ ଚାଲାଣ

ପାଇଁ ସେହି ଜଙ୍ଗଲ ଅଞ୍ଚଳରେ ଗଞ୍ଜେଇ ଭର୍ତ୍ତି ବସ୍ତାଗୁଡ଼ିକୁ ରଖାଯାଇଥିଲା । ଏ ନେଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ପୁଲିସ୍ ସୂଚନା ଦେଇଛି ।

## କଳାହାଣ୍ଡି କପ୍

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ କଳାହାଣ୍ଡି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହୋଇଛି । ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ଏକଦିବସୀୟ ଫର୍ମାଟ୍‌ରେ ଖେଳାଯିବ । ମୋଟ ୩୮ଟି ଦଳକୁ ନେଇ ୬ଟି ଗ୍ରୁପ୍‌ରେ ଏହାକୁ ବିଭକ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ କଟକର ବିଭିନ୍ନ ପଡିଆରେ କେବଳ ଡାଇମଣ୍ଡ୍ ଏ ଏବଂ ଗ୍ରୁପ୍ ବି ମ୍ୟାଚ୍ ଖେଳାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି । ଚଳିତବର୍ଷଠାରୁ ସମ୍ବଲପୁର ୨ଟି ଦଳରେ ବିଭକ୍ତ ହୋଇ ପ୍ରତିଯୋଗିତାରେ ଭାଗ ନେଉଛନ୍ତି ।

*********************************